# NATIONAL NEWS BULLETIN (ODIA)

**26 December - 2025**

**Morning Bulletin : 7.15 a.m.**

*******************************

## ମୁଖ୍ୟ ସମ୍ବାଦ

- ବୀର୍ ବାଲ୍ ଦିବସ ପାଳନ ଅବସରରେ ନୂଆଦିଲ୍ଲୀଠାରେ ଆଜି ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ।

– ଭାରତ ମଣ୍ଡପମ୍ ଠାରେ ମନୋନୀତ ଶିଶୁଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀ ଠାରେ ଆଜି ଆତଙ୍କବାଦ ନିରୋଧି ସମ୍ମିଳନୀକୁ ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ମାଓବାଦୀଙ୍କୁ ଆହ୍ୱାନ ଦେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ।
- ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ଅଣ-ମୁସଲମାନଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରୁଛି ବୋଲି ଅଭିଯୋଗ କଲେ ପୂର୍ବତନ ପ୍ରଧାନମନ୍ତ୍ରୀ ସେଖ୍ ହସିନା ।

ଏବଂ

- ଥିରୁବନନ୍ତପୁରମ୍‌ଠାରେ ଆଜି ଖେଳାଯିବ ଭାରତ-ଶ୍ରୀଲଙ୍କା ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ତୃତୀୟ ମ୍ୟାଚ୍ ।

# ରାଷ୍ଟ୍ରୀୟ ବାଲ୍ ପୁରସ୍କାର

ବୀର ବାଲ୍ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀ ଠାରେ ଆଜି ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରିବେ । ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ୨୦ ଜଣ ଶିଶୁଙ୍କୁ ଏଥିପାଇଁ ମନୋନୀତ କରାଯାଇଛି । ସାହସ, କ୍ରୀଡ଼ା ଏବଂ ସାମାଜିକ ସେବା କ୍ଷେତ୍ରରେ ଶ୍ରେଷ୍ଠ ପ୍ରତିପାଦନ କରିଥିବା ଶିଶୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ଶ୍ରୀ ଗୁରୁ ଗୋବିନ୍ଦ ସିଂହ ଜୀଙ୍କ ଦୁଇ ପୁତ୍ର ସାହେବ ଜାଦେ ବାବା ଜୋର୍‌ୱାର୍ ସିଂହ ଜୀ ଏବଂ ବାବା ଫତେହେ ସିଂହ ଜୀଙ୍କ ଅଦମ୍ୟ ସାହସ ଓ ବଳିଦାନକୁ ସମ୍ମାନ ଜଣାଇ ପ୍ରତିବର୍ଷ ଡିସେମ୍ବର ୨୬ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ । ଖୁବ୍ ଅଳ୍ପ ବୟସରେ ନିଜକୁ ଉତ୍ସର୍ଗ କରିଥିବା ଏହି ସାହେବ ଜାଦେଙ୍କ ଜୀବନୀ ଭାରତର ଇତିହାସର ଏକ ମର୍ମସ୍ପର୍ଶୀ ଅଧ୍ୟାୟ । ଗତ ୨୦୨୨ ଜାନୁଆରୀ ମାସରେ ଗୁରୁ ଗୋବିନ୍ଦ ସିଂହଙ୍କ ପ୍ରକାଶ ପର୍ବ ପାଳନ ଅବସରରେ ବୀର ବାଲ୍ ଦିବସ ପାଳନ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ।

ଏହି ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆଜି ଅନୁଷ୍ଠିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ । ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାରରେ ସମ୍ମାନିତ ଶିଶୁଙ୍କ ସହ ପ୍ରଧାନମନ୍ତ୍ରୀ ଭାବବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

# ଶାହା-ଆଣ୍ଟିଟେରୋର୍ କନ୍‌ଫରେନ୍ସ

ନୂଆଦିଲ୍ଲୀରେ ଆଜି ଆତଙ୍କବାଦ ନିରୋଧି ସମ୍ମିଳନୀକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦ୍‌ଘାଟନ କରିବେ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ଦୁଇଦିନିଆ ସମ୍ମିଳନୀ ଜାତୀୟ ସୁରକ୍ଷାକୁ ପ୍ରଭାବିତ କରୁଥିବା ତଥା ଆତଙ୍କବାଦରୁ ସୃଷ୍ଟ ଆହ୍ୱାନଗୁଡ଼ିକ ଉପରେ ଆଲୋଚନା ପାଇଁ ଏକ ମଞ୍ଚ ପ୍ରଦାନ କରିବ । ଆତଙ୍କବାଦ ନିରୋଧ କାର୍ଯ୍ୟରେ ନିୟୋଜିତ ସୁରକ୍ଷା ବାହିନୀ, ବୈଷୟିକ ଗୋଷ୍ଠୀ, ଆଇନ୍‌ଗତ ଓ ଫରେନ୍‌ସିକ୍ ବିଶେଷଜ୍ଞ ଏହି ବୈଠକରେ ମତବିନିମୟ କରିବେ । ଆତଙ୍କବାଦ ଆହ୍ୱାନର ମୁକାବିଲା ପାଇଁ ଏକ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ପ୍ରସ୍ତୁତ କରିବା ଏବଂ ବିଭିନ୍ନ ଅଂଶିଦାରଙ୍କୁ ସାମିଲ କରି ଏକ ବ୍ୟାପକ ବିକଶିତ ଭିତ୍ତିପ୍ରସ୍ତୁତ କରିବା ଉପରେ ବୈଠକରେ ଧ୍ୟାନ କେନ୍ଦ୍ରୀଭୂତ ହେବ ବୋଲି ମନ୍ତ୍ରଣାଳୟ କହିଛି । ଆଧୁନିକ ପ୍ରଯୁକ୍ତିବିଦ୍ୟା ଉପଯୋଗ ତଥା ବିଶ୍ୱସ୍ତରୀୟ ପଦକ୍ଷେପଗୁଡ଼ିକ ଉପରେ ଏହି ବୈଠକରେ ସ୍ୱତନ୍ତ୍ର ଅଧିବେଶନମାନ ଆୟୋଜିତ ହେବାର କାର୍ଯ୍ୟସୂଚୀ ରହିଛି ବୋଲି ମନ୍ତ୍ରଣାଳୟ କହିଛି । ଜାତୀୟ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଏହି ଦୁଇ ଦିନିଆ ସମ୍ମିଳନୀର ଆୟୋଜନ କରାଯାଇଛି ।

# ଓଡ଼ିଶା ସିଏମ୍ ଏସ୍‌ଓଜି

ଓଡ଼ିଶାରେ ଶୀର୍ଷ ମାଓବିରୋଧୀ ବାହିନୀର କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ସ୍ୱତନ୍ତ୍ର କ୍ରିୟାନୁଷ୍ଠାନ ଗୋଷ୍ଠୀ ଏସ୍.ଓ.ଜି.ର ଏକ ଅତ୍ୟାଧୁନିକ କେନ୍ଦ୍ର ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ହୋଇଛି । ଚନ୍ଦକାଠାରେ ଏହି

ଅତ୍ୟାଧୁନିକ ମାଓବାଦ ନିରୋଧି ତାଲିମ୍ ପ୍ରତିଷ୍ଠାନ ଏବଂ ମତବିନିମୟ କେନ୍ଦ୍ରକୁ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଉଦ୍‌ଘାଟନ କରିଛନ୍ତି । ୧୬ଟି ଜିଲ୍ଲାର ୧୬ଟି ପୋଲିସ୍ ଷ୍ଟେସନ୍, ୭୦ଟି ପୋଲିସ୍ ଆବାସ ସ୍ଥଳୀ, ଅସ୍ତ୍ରାଗାର, କାର୍ଯ୍ୟାଳୟ ଏବଂ ପ୍ରଶାସନିକ କୋଠାକୁ ମଧ୍ୟ ଶ୍ରୀ ମାଝୀ ଏହି ଅବସରରେ ଉଦ୍‌ଘାଟନ କରିଛନ୍ତି । ଚନ୍ଦକାଠାରେ ପ୍ରତିଷ୍ଠିତ ନୂତନ ତାଲିମ୍ ଏବଂ ମତବିନିମୟ କେନ୍ଦ୍ରରେ ଏକାକାଳୀନ ୪୦୦ ଜଣ କର୍ମଚାରୀଙ୍କୁ ତାଲିମ୍ ପ୍ରଦାନର ବ୍ୟବସ୍ଥା ରହିଛି । ମାଓ ବିରୋଧି ଅଭିଯାନରେ ଏସ୍.ଓ.ଜି.ଙ୍କ ଭୂମିକାକୁ ପ୍ରଶଂସା କରି ଶ୍ରୀ ମାଝୀ କହିଛନ୍ତି, ହିଂସାରେ ଜଡ଼ିତ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାର ପ୍ରତିବଦ୍ଧ । ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ସହିତ ରାଜ୍ୟର ବିକାଶରେ ଅଂଶଗ୍ରହଣ କରିବାକୁ ଶ୍ରୀ ମାଝୀ ମାଓବାଦୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଆସନ୍ତା ମାର୍ଚ୍ଚ ସୁଦ୍ଧା ଓଡ଼ିଶାକୁ ମାଓମୁକ୍ତ କରିବା ଲକ୍ଷ୍ୟ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ମାଲକାନଗିରି ଜିଲ୍ଲାରେ ନିକଟରେ ୨୨ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ ଏ କ୍ଷେତ୍ରରେ ଏକ ଉତ୍ସାହଜନକ ପଦକ୍ଷେପ ବୋଲି ଶ୍ରୀ ମାଝୀ ବର୍ଣ୍ଣନା କରିଛନ୍ତି । ଏସ୍.ଓ.ଜି. ଏବଂ ଅନ୍ୟ ମାଓ ବିରୋଧୀ ସଂସ୍ଥା ଗୁଡ଼ିକର କର୍ମଚାରୀଙ୍କ ପାଇଁ ଆପତ୍‌କାଳୀନ ଭତ୍ତା ସମ୍ପର୍କରେ ଶ୍ରୀ ମାଝୀ ଏହି ଅବସରରେ ଘୋଷଣା କରିଛନ୍ତି ।

# ବାଂଲା-ହସିନା

ପ୍ରଫେସର ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ଅଣ-ମୁସଲମାନଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରୁଛି ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ସେଖ୍ ହସିନା ଅଭିଯୋଗ କରିଛନ୍ତି ।

ଆୱାମି ଲିଗ୍‌ର ନେତା ହସିନା କହିଛନ୍ତି, ବେଆଇନ୍ ଭାବେ କ୍ଷମତା ଦଖଲ କରିଥିବା ବର୍ତ୍ତମାନର ଶାସକ ଗୋଷ୍ଠୀ ଗତ ସପ୍ତାହରେ ହିନ୍ଦୁ ବ୍ୟକ୍ତିଙ୍କୁ ହତ୍ୟା କରାଯିବ ପରିପ୍ରେକ୍ଷୀରେ ଏହି ଘଟଣା ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି । ଖ୍ରୀଷ୍ଟମାସ ଅବସରରେ ଗତକାଲି ଏକ ବାର୍ତ୍ତାରେ ସେଖ୍ ହସିନା ଅଣ-ମୁସଲମାନ ସମ୍ପ୍ରଦାୟର ଲୋକଙ୍କ ନିଜସ୍ୱ ଧର୍ମପାଳନ କରିବା ଉପରେ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାର ହସ୍ତକ୍ଷେପ କରୁଛନ୍ତି ବୋଲି ସେ କହିଛନ୍ତି । ବାଂଲାଦେଶର ନାଗରୀକ ଏହି ଅନ୍ଧକାର ସମୟକୁ ଅଧିକ ଦିନ ବଳବତ୍ତର ରହିବାକୁ ଦେବେ ନାହିଁ ବୋଲି ସେଖ୍ ହସିନା ଆଶାବ୍ୟକ୍ତ କରିଛନ୍ତି ।

ଗତବର୍ଷ ଅଗଷ୍ଟରେ ହସିନା ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପରେ ବାଂଲାଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ବିରୁଦ୍ଧରେ ଘଟୁଥିବା ଘଟଣା ହିନ୍ଦୁ ସମ୍ପ୍ରଦାୟଙ୍କୁ ପ୍ରଭାବିତ କରିଛି । ଗତ ସପ୍ତାହରେ ମୈମନ୍‌ସିଂହ ସହରରେ ଜଣେ ୨୫ ବର୍ଷୀୟ ହିନ୍ଦୁ କର୍ମୀଙ୍କୁ ହତ୍ୟା କରାଯାଇଥିଲା ।

# ୟୁଏସ୍ ଏଚ୍ ୱାନ୍‌ବି ଭିସା

ଆମେରିକା ଏଚ୍.ୱାନ୍-ବି ଭିସା ପ୍ରକ୍ରିୟାରେ ବ୍ୟାପକ ପରିବର୍ତ୍ତନ ଭାରତୀୟ ପ୍ରଯୁକ୍ତିବିଦ୍ୟା ବୃତ୍ତିଗତ ଏବଂ ପ୍ରବାସୀ ଭାରତୀୟ ପରିବାରଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ସ୍ୱରାଷ୍ଟ୍ର ସୁରକ୍ଷା ବିଭାଗ କହିଛି । ଭବିଷ୍ୟତରେ ଏହି ଭିସା ପାଇଁ ଚୟନ ଲଟେରୀ ପରିବର୍ତ୍ତେ ମଜୁରୀ ସ୍ତର ଉପରେ ଆଧାରିତ ହେବ ବୋଲି ବିଭାଗ କହିଛି । ଏଭଳି ନିୟମ ଆମେରିକୀୟ କର୍ମଚାରୀଙ୍କ ମଜୁରୀ, କାର୍ଯ୍ୟ ପରିସ୍ଥିତି ଏବଂ ନିଯୁକ୍ତି ସୁଯୋଗକୁ ସୁରକ୍ଷା ପ୍ରଦାନ କରିବା ସହ ଉଚ୍ଚ କୁଶଳୀ ଏବଂ ଉଚ୍ଚଶିକ୍ଷିତ କର୍ମଚାରୀଙ୍କ ପଦବୀକୁ ମଧ୍ୟ ହ୍ରାସ କରିବ ବୋଲି ବିଭାଗ ଆଶଙ୍କା ବ୍ୟକ୍ତ କରିଛି । ଭାରତୀୟ ନାଗରୀକଙ୍କ ପାଇଁ ଏଭଳି ପରିବର୍ତ୍ତନ ସୃଷ୍ଟି କରିବାକୁ ଥିବା ଆହ୍ୱାନଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

# ଇସ୍ରାଏଲ୍-ଏୟାର୍ ଷ୍ଟ୍ରାଇକ୍

ଉତ୍ତର-ପୂର୍ବ ଲେବାନନ୍‌ରେ ଇସ୍ରାଏଲ୍ ସେନା ଆକ୍ରମଣରେ କୁଦ୍‌ସ ଗୋଷ୍ଠୀର ଜଣେ ବରିଷ୍ଠ କମାଣ୍ଡରଙ୍କର ମୃତ୍ୟୁ ହୋଇଛି । ଇସ୍ରାଏଲ୍ ପ୍ରତୀରକ୍ଷା ବାହିନୀ ଏବଂ ସିନ୍‌ବେଟ୍ ସୁରକ୍ଷା ସଂସ୍ଥା ଏକ ମିଳିତ ବିବୃତ୍ତିରେ ଏହି ସୂଚନା ଦେଇଛନ୍ତି । ଇରାନ୍‌ର ଇସ୍‌ଲାମିକ୍ ରେଭଲ୍ୟୁସନାରୀ ଗାର୍ଡ୍ସ କର୍ପସ୍‌ର ବିଦେଶ ଶାଖା ଅପରେସନ୍ ୟୁନିଟ୍‌ର ଜଣେ ଶୀର୍ଷ କମାଣ୍ଡର ହୁସେନ ମହମ୍ମୁଦ୍ ମାର୍ସାଦ୍ ଅଲ୍ ଜୱାହାରୀଙ୍କର ଏହି ଆକ୍ରମଣରେ ମୃତ୍ୟୁ ହୋଇଛି । ଇସ୍ରାଏଲ୍ ବିରୁଦ୍ଧରେ ଆତଙ୍କବାଦ କାର୍ଯ୍ୟକଳାପକୁ ଅଧିକ ଗତିଶୀଳ କରିବାରେ ସିରିଆ ଲେବାନନ୍ କ୍ଷେତ୍ରରେ ଜୱାହାରୀ ସାମିଲ ଥିଲେ ବୋଲି ଇସ୍ରାଏଲ୍ ପ୍ରତୀରକ୍ଷା ବାହିନୀ

କହିଛି । ଇସ୍ରାଏଲ୍ ବିରୁଦ୍ଧରେ ଇରାନ୍ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେବାରେ ଜୱାହାରୀ ହିଁ ମୁଖ୍ୟ ରହିଥିଲେ । ଇସ୍ରାଏଲ୍ ସେନା ଆକ୍ରମଣରେ ଜୱାହାରୀଙ୍କ ମୃତ୍ୟୁ ସଂକ୍ରାନ୍ତ ଏକ ଡ୍ରୋନ୍ ଫୁଟେଜ୍ ମଧ୍ୟ ଜାରି କରାଯାଇଛି ।

## ଇଣ୍ଡିଆ-ନେପାଳ ବିଲ୍

ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲ୍ଲାର ଚାରଚୋମା ଗ୍ରାମଠାରେ ଭାରତ-ନେପାଳ ସୀମା ଅନ୍ତର୍ଗତ କାଳିନଦୀ ଉପରେ ନିର୍ମିତ ମୋଟର ସେତୁର ଯାଞ୍ଚ୍ କରାଯାଇଛି । ଭାରତରେ ଅବସ୍ଥାପିତ ନେପାଳର ରାଷ୍ଟ୍ରଦୂତ ଶଙ୍କର ପ୍ରସାଦ ଶର୍ମା ଗତକାଲି ଏହି ସେତୁକୁ ଯାଞ୍ଚ୍ କରିବା ପରେ କହିଛନ୍ତି, ଏଠାରେ ଖୁବ୍ ଶୀଘ୍ର ବାଣିଜ୍ୟିକ କାର୍ଯ୍ୟକଳାପ ଆରମ୍ଭ କରାଯିବ । ଭାରତ ଓ ନେପାଳ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜବୁତ କରିବାରେ ଏହି ସେତୁ ସହଯୋଗ ପ୍ରଦାନ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ଉତ୍ତରାଖଣ୍ଡର ଚମ୍ପୱାଟ୍ ଜିଲ୍ଲାର ବନବାସାଠାରେ ଭାରତ, ନେପାଳ ସୀମାରେ ପ୍ରଥମ ସେତୁ ନିର୍ମିତ ହୋଇଥିଲା । ଉତ୍ତରାଖଣ୍ଡ ରାଜ୍ୟ ପି.ଡବ୍ଲ୍ୟୁ.ଡି. କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ଅରୁଣ କହିଛନ୍ତି, ଆସନ୍ତା ମାର୍ଚ୍ଚ ସୁଦ୍ଧା ରାଜପଥରୁ ସେତୁ ପର୍ଯ୍ୟନ୍ତ ଦେଢ଼ଶହ ମିଟର ଯୋଗାଯୋଗ ସଡ଼କପଥ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନେଇ ଲକ୍ଷ୍ୟ ରଖାଯାଇଛି । ସେତୁ ଅପରପାର୍ଶ୍ୱରେ ନେପାଳ ପକ୍ଷରୁ ମଧ୍ୟ ମାର୍ଚ୍ଚ ସୁଦ୍ଧା ଯୋଗାଯୋଗାପଥ ସମ୍ପୂର୍ଣ୍ଣ ହେବ ବୋଲି ସେ ସୂଚନା ଦେଇଛନ୍ତି ।

# ସେବି ରିଫର୍ମସ୍

ନିବେଶ ପ୍ରକ୍ରିୟାକୁ ସହଜ ତଥା ବଜାର କ୍ଷେତ୍ରକୁ ଅଧିକ ସୁ-ବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ପୁଞ୍ଜି ବଜାର ନିୟାମକ ସଂସ୍ଥା 'ସେବି' ଏକ ସଂସ୍କାର ମୂଳକ ପଦକ୍ଷେପ ଘୋଷଣା କରିଛି । ମୌଳିକ ସେବା ଡିମାଟ୍ ଆକାଉଣ୍ଟ ଏବଂ ଡୁପ୍ଲିକେଟ୍ ସିକ୍ୟୁରିଟିଜ୍ ଜାରିକୁ ଏଥିରେ ସାମିଲ କରାଯାଇଛି । ତ୍ୱରିତ, ଅଧିକ ଦକ୍ଷ ଏବଂ ନିବେଶକଙ୍କ ଅନୁକୂଳ କରିବା ଲକ୍ଷ୍ୟ ନେଇ ଡୁପ୍ଲିକେଟ୍ ସିକ୍ୟୁରିଟିଜ୍ ଜାରି ପ୍ରକ୍ରିୟାକୁ ଅଧିକ ସରଳୀକୃତ କରାଯାଇଛି ।

ପୂର୍ବରୁ ଥିବା ଆର୍ଥିକ ସୀମାକୁ ଦ୍ୱିଗୁଣିତ କରାଯାଇ ୧୦ ଲକ୍ଷ ଟଙ୍କା ହୋଇଛି । ସଂଶୋଧିତ ପ୍ରକ୍ରିୟା ଅନୁଯାୟୀ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ସିକ୍ୟୁରିଟି ରହୁଥିବା ନିବେଶକଙ୍କୁ ଏବେ କାଗଜପତ୍ର କମ୍ ଦାଖଲ କରିବାକୁ ପଡ଼ିବ । ଏହାଦ୍ୱାରା ଅସଂଗତୀ ଦୂର ହେବା ସହିତ ପ୍ରକ୍ରିୟାଗତ ଆହ୍ୱାନଗୁଡ଼ିକର ମୁକାବିଲା ହୋଇପାରିବ । ମୌଳିକ ସେବା ଡିମାଟ୍ ଆକାଉଣ୍ଟ ନିବେଶ ପ୍ରକ୍ରିୟାକୁ ସରଳ କରିବା ସହିତ ନିବେଶକାରୀଙ୍କ ଅଂଶଗ୍ରହଣକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବ । ଏହାଦ୍ୱାରା ବଜାର କ୍ଷେତ୍ର ମଧ୍ୟ ଅଧିକ ଗତିଶୀଳ ହେବ ବୋଲି ସେବି ପକ୍ଷରୁ କୁହାଯାଇଛି ।

# କ୍ରିକେଟ୍

ଭାରତ-ଶ୍ରୀଲଙ୍କା ଚଳିତ ପାଞ୍ଚଟିକିଆ ସିରିଜ୍ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାର ତୃତୀୟ ମ୍ୟାଚ୍ ଆଜି ଥିରୁବନନ୍ତପୁରମ୍‌ଠାରେ ଖେଳାଯିବ । ଗ୍ରୀନ୍‌ଫିଲ୍ଡ ଆନ୍ତର୍ଜାତିକ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ

ହେବ । ବିଶାଖାପାଟଣାଠାରେ ଅନୁଷ୍ଠିତ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତ ବିଜୟୀ ହୋଇ ୨-୦ରେ ସିରିଜ୍‌ରେ ଆଗୁଆ ରହିଛି । ପ୍ରଥମ ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ୭ ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା ।